# Akashvani, Sambalpur

## SAMBALPURI NEWS BULLETIN

### 20 March 2024- 6.47- 6.52 am.

*********************************************

ଲୋକ୍‌ସଭା ନିର୍ବାଚନ୍ - ବିଜ୍ଞପ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ପହେଲା ଖେପେ ଲୋକ୍‌ସଭା ନିର୍ବାଚନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାର୍‌ବା । ଇ ଖେପେ ୧୭ ଟା ରାଜ୍ୟ ଆର୍ ୪ ଟା କେନ୍ଦ୍ରଶାସିତ୍ ଅଂଚଲ୍ ନ ଶହେ ୨ ଟା ଲୋକ୍‌ସଭା ଆସନ୍ ଲାଗି ନିର୍ବାଚନ୍ ହେବା । ଇତାର୍‌ଭିତ୍‌ରେ ତାମିଲ୍‌ନାଡୁର ୩୯ ଟା ଆସନ୍, ରାଜସ୍ଥାନ୍‌ର ୧୨ , ଉତର୍‌ପ୍ରଦେଶ୍‌ର ୮, ମଧ୍ୟପ୍ରଦେଶ୍‌ର ୬, ଉତରାଖଣ୍ଡ, ଆସାମ୍ ଆର୍ ମହାରାଷ୍ଟ୍ରର୍ ୪ ଟା ଲେଖା ଆସନ୍ ରହିଛେ । ସେନ୍ତା ବିହାର୍‌ର ୪ ଟା ଆସନ୍, ପଶ୍ଚିମବଙ୍ଗ୍‌ର ୩, ଅରୁଣାଚଲ୍ ପ୍ରଦେଶ୍, ମଣିପୁର୍, ମେଘାଲୟର ୨ଟା ଲେଖା ଆସନ୍ ଲାଗି ନିର୍ବାଚନ୍ ହେବା । ଇତାର୍‌ସହେତେ ଛତିଶ୍‌ଗଡ୍, ମିଜୋରାମ୍, ନାଗାଲାଣ୍ଡ୍, ସିକିମ୍, ତ୍ରିପୁରା, ଆଣ୍ଡାମାନ୍ ଆର୍ ନିକୋବର୍ ଆଇଲାଣ୍ଡ୍, ଜାମ୍ମୁ ଆର୍ କାଶ୍ମୀର୍, ଲାକ୍ଷାଦ୍ୱୀପ୍ ଆର୍ ପୁଡୁଚେରୀର ଗୁଟେ ଲେଖା ଆସନ୍ ଲାଗି

ପହେଲା ଖେପେ ଭୋଟ୍ ହେବା ବଲି ସୂଚ୍ନା ମିଲିଛେ । ସୂଚ୍ନା ଅନ୍ସାରେ ଆଏବା ୨୭ ତାରିଖ୍ ତକ୍ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ୍ କର୍ବେ । ଇତାର୍‌ଉତ୍ରୁ ଆଏବା ଏପ୍ରିଲ୍ ୧୯ ତାରିଖ୍ଥି ଇ ଆସନ୍ ମାନ୍‌କେ ଭୋଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଦେଶେ ୭ ଟା ଖେପେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା ଆର୍ ଆଏବା ଜୁନ୍ ମାସ ୪ ତାରିଖ୍ ଦିନ ଭୋଟ୍ ଗନ୍ତିର୍ ଫଲାଫଲ୍ ବାହାର୍ବା ।

ସଖୀ ବୁଥ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍ତି ସାଧାରଣ ନିର୍ବାଚନ୍ଥି ମହିଳାମାନ୍‌କର୍ ଲାଗି ସ୍ୱତନ୍ତ୍ର ସଖୀ ବୁଥ୍ ଖୁଲ୍ବା । ଇ ବୁଥ୍ ନ ପ୍ରିଜାଇଡିଂ ଅଫିସର୍, ପୁଲିଂ ଅଫିସର୍, ସୁରକ୍ଷା କର୍ମୀ ଆର୍ ଅଲ୍‌ଗା ସବୁ କର୍ମଚାରୀ ମହିଳା ଆନ୍ । ଭାରତ୍ ନିର୍ବାଚନ୍ ଆୟୋଗ -ସାଧାରଣ ନିର୍ବାଚନ୍ ୨୦୨୪ଥି 'ନିର୍ବାଚନ୍‌ର ପର୍ବ ଆମର୍ ଦେଶର୍ ଗର୍ବ' ବିଷେକେ ନେଇକରି ଦେଶର୍ ସବୁ ବର୍ଗର୍ ଭାଗିଦାରୀତାକେ ବଢ଼ାବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ପଦକ୍ଷେପ୍ ମାନ୍‌କର୍ ଭିତ୍‌ରେ ପୁରାପୁରି ମହିଳାମାନ୍‌କର୍ ଦ୍ୱାରା ପରିଚାଲିତ୍ ସଖୀ ବୁଥ୍ ରହିଛେ । ରାଜ୍ୟର୍ ଫି ଜିଲ୍ଲା ନ ଇ ବୁଥ୍ କାମ୍ କର୍ବା । ଇନ

ଜନେଇ ଦିଆଯାଇପାରେ ଯେ, ସଖୀ ବୁଥ୍ ହେଉଛେ ଗୁଟେ ମୋଡ଼େଲ୍ ବୁଥ୍ ଯେନ୍‌ଟାକି ମହିଳାମାନ୍‌କର୍ ତର୍‌ଫୁ ପରିଚାଲିତ୍ । ଯେନ୍ ଇଲାକା ନ ମହିଳାମାନ୍‌କର୍ ମତଦାନ୍ ହାର କମ୍ ରହୁଛେ ସେନ ସଖୀ ବୁଥ୍ କରାଯାଇକରି ସେମାନ୍‌କର୍ ମତଦାନ୍ ହାରକେ ବଢ଼ାବାର୍ ଲାଗି ନିର୍ବାଚନ୍ ଆୟୋଗ୍ ଲକ୍ଷ୍ୟ ରଖିଛନ୍ । ବୁଥ୍ ନ ପୁଲିଂ ଏଜେଂଟ୍ ଭାବେ ମହିଳାମାନ୍‌କୁ ନିୟୋଜିତ କର୍‌ବାର୍ ଲାଗି ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀମାନ୍‌କୁ ଭିଲ୍ ଅନୁରୋଧ୍ କରାଯାଇଛେ । ଇଥି ନିୟୋଜିତ ହେବାର୍‌କେ ଥିବାର୍ ମହିଳା କର୍ମଚାରୀମାନେ କେନ୍‌ସି ରଙ୍ଗର୍ ପୋଷାକ ଆର୍ ଶାଢ଼ୀ ପିନ୍ଧି ପାର୍‌ବେ । ସଖୀ ବୁଥ୍‌ମାନ୍‌କେ ଅଲ୍‌ଗା ମୋଡ଼େଲ୍ ବୁଥ୍ ମାନ୍‌କର୍ ବାଗିର୍ ସବୁ ପ୍ରକାର୍ ବ୍ୟବସ୍ଥା କରାଯିବା । ଇ ବାବ୍‌ଦେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ଯେ, ଭାରତୀୟ ଗଣତନ୍ତ୍ରର ମହାପର୍ବଥି ନାରୀ ଶକ୍ତି ତର୍‌ଫୁ ପରିଚାଲିତ ସଖୀବୁଥ୍ ପୁର୍‌ଥିର୍ ଲାଗି ଉଦାହରଣ୍ ହେବା ।

ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ଲୋକସେବା ଆୟୋଗ - ୟୁପିଏସ୍‌ସିର ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ୨୦୨୪ କେ ଆଏବା ଜୁନ୍ ମାସ ୧୬ ତାରିଖ୍ ଦିନ ହେବା । ପରୀକ୍ଷା ଆଏବା ମେ ମାସ ୨୬ ତାରିଖ୍ ଦିନ ହେବାର ଥିଲା । ହେଲେ ସାଧାରଣ ନିର୍ବାଚନ୍ ଲାଗି ଆୟୋଗ ପରୀକ୍ଷା ତାରିଖ୍‌କେ ଘୁଂଚେଇ ଦେଇଥିବାର୍ ସୂଚ୍‌ନା ମିଲିଛେ ।

ଯୁକ୍ତ ଦୁଇ ପରୀକ୍ଷା ଶେଷ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଯୁକ୍ତ ଦୁଇ ପରୀକ୍ଷା ଶେଷ୍ ହେଉଛେ । ଶେଷ୍ ଦିନେ କଳା ବିଭାଗ୍‌ର ଦର୍ଶନ ଶାସ୍ତ୍ର, ବାଣିଜ୍ୟର ଆକାଉଂଟେନ୍‌ସି, ଧନ୍ଦାମୂଳକ୍ ଶିକ୍ଷାର ଟ୍ରେଡ୍ ପେପର୍- ୪ ଲାଗି ପରୀକ୍ଷା ହେବା । ଆଏବା ୨୨ ତାରିଖ୍ ଶୁକ୍ରବାର୍‌ନୁ ଖାତା ଦେଖା ମୁଲ୍ ହେବା । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ- ସିଏଚ୍‌ଏସ୍‌ଇ ତର୍ଫୁ ସବୁ ପ୍ରକାର୍‌ର ପ୍ରସ୍ତୁତି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ମାର୍ଚ୍ଚ ୨୨ ତାରିଖ୍‌ନୁ ଏପ୍ରିଲ୍ ୨ ଆର୍ ଏପ୍ରିଲ୍ ୪ ନୁ ୧୫ ତାରିଖ୍‌ତକ୍ ୨ ଟା ଖେପେ ଖାତାଦେଖା ହେବା । ଚଲ୍‌ତି ବଛର୍ ଅନ୍‌ଲାଇନ୍ ଆର୍ ଅଫ୍‌ଲାଇନ୍‌ଥି ଖାତାଦେଖା ହେବା ବଲି ଜନାପଡ଼ିଛେ । ଇଥିର୍‌ଲାଗି ୧୫ ହଜାର୍ ପରୀକ୍ଷକ ନିୟୋଜିତ ହେଇଛନ୍ ।

ଆଏବା ମେ ୧୫ ତାରିଖ୍‌ତକ୍ ପରୀକ୍ଷାଫଲ୍ ବାହାର୍ କର୍‌ବାର୍‌କେ ସିଏଚ୍‌ଏସ୍‌ଇ ଲକ୍ଷ୍ୟ ରଖିଛେ ।

ଆଦର୍ଶ ଆଚରଣ ବିଧି ଲାଗୁ-ନୂଆପଡ଼ା  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ସବୁ ବ୍ଲକ୍ ଆର୍ ୩ ଟା ବିଜ୍ଞପିତ ଅଂଚଲ୍ ପରିଷଦ୍ ନ ଆଦର୍ଶ ଆଚରଣ ବିଧି ଲାଗୁ ହେଇଛେ । ଇତାକେ ନେଇକରି ସହର୍ ଭିତ୍‌ରେ ଥିବାର୍ ସବୁ ରାସ୍ତା ନ ଲାଗିଥିବା ଦଲୀୟ ପୋଷ୍ଟର୍, ବେନର୍, କାନ୍ଥଲେଖାକେ ପ୍ରଶାସନ୍ ତର୍‌ଫୁ ହଟେଇ ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲା ଓକିଲ ସଂଘ ନୂଆଁ କର୍ମକର୍ତା/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଓକିଲ ସଂଘର୍ ନୂଆଁ କର୍ମକର୍ତା ବଛା ଯାଇଛେ । କ୍ଷିତିଶ୍ ବୋଧନ୍‌କର୍ ସଭାପତି, ପ୍ରକାଶ୍ ଚନ୍ଦ୍ର ସ୍ୱାଇଁ ଉପସଭାପତି, ପୁରୁଷୋତମ ସୋନୀ ସମ୍ପାଦକ ,  ଅଜୟ ଶର୍ମା ସହ ସମ୍ପାଦକ ଆର୍ ଯୋଗେଶ୍ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହେଇଛନ୍ । ଇ କର୍ମକର୍ତା ବାଛ୍‌ବାର୍ ଲାଗି ନୂଆ କରି

ନିର୍ବାଚିତ ହେଇଥିବା ସଭାପତି କ୍ଷିତିଶ୍ ବୋଧନ୍‌କର୍ ସବୁ ଆଇନ୍‌ଜୀବୀ ମାନ୍‌କୁ କୃତଜ୍ଞତା ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ସବୁ ବାର୍ ନ ନିର୍ବାଚନ ଲାଗି ୧୨ ତାରିଖ୍ ଦିନ ନାମାଙ୍କନ ପତ୍ର ଦାଖଲ୍ ଆର୍ ୧୪ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ କରାଯାଇଥିଲା । ଗଲାକାଏଲ୍ ନିର୍ବାଚନ୍ ହେଇଥିବାର୍ ବେଲେ ନୂଆପଡ଼ା ଜିଲ୍ଲା ଓକିଲ୍ ସଂଘର୍ ସବୁ ପଦପଦବୀକେ ନିଦ୍ୱନ୍ଦ୍ଧି ଘୋଷ୍‌ନା କରାଯାଇଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/କଟକ୍

ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଜବର୍ ବର୍ଷା ଲାଗି ରହିଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ସହେତେ କନ୍ଧମାଲ୍, ଅନୁଗୁଲ୍, ଢେଙ୍କାନାଲ୍, କଟକ୍, ଭଦ୍ରକ୍, ଯାଜ୍‌ପୁର୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ କେତେଟା ଜାଗା ନ ଧୁକାଧନ୍ଦା ସହେତେ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଇଥିର୍‌ଲାଗି ଇ ଜିଲ୍ଲାମାନ୍‌କେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ବର୍ଷା ଲାଗି ତାପମାତ୍ରା କମିଛେ । ଗଲାକାଏଲ୍ ରାଜ୍ୟର୍ ୭ ଟା ଜାଗା ନ ତାତି ୨୭ ଡିଗ୍ରୀ ନୁ କମ୍

ଥିବାର୍ ବେଳେ  ସବୁନୁ କମ୍ ତାପମାତ୍ରା ଢେଙ୍କାନାଲ୍ ନ ୨୩ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରହିଥିଲା । ଆଏବା ୨/୩ ଦିନ୍ ପାଗ୍ ଏନ୍ତା ରହେବା ଆଉ ୨୨ ତାରିଖ୍ନୁ ତାପମାତ୍ରା ବଢ୍ବାର୍ ସମ୍ଭାବନା ରହିଛେ ।